ଧରିତ୍ରୀ
DHARITRI
August 9-15, 2020 ₹ 2/-

# ଛୁଟିଦିନ



# ସ୍ୱାଧୀନତାର ସଙ୍ଗୀତ

୩
ପ୍ରଚ୍ଛଦ ପ୍ରସଙ୍ଗ

ପରାଧୀନତାରୁ ମୁକୁଳିବା ଲାଗି ସେତେବେଳର ଦେଶପ୍ରେମୀମାନେ
ସଙ୍ଗୀତକୁ ଅନ୍ୟତମ ଅସ୍ତ୍ର ଭାବରେ ବ୍ୟବହାର କରିଥିଲେ।
କୋଟିକୋଟି ଲୋକଙ୍କୁ ଗୋଟିଏ ମନରେ ବାନ୍ଧି ରଖିବା ପାଇଁ
କମରକଷି ଅଣ୍ଟା ଭିଡ଼ିଥିଲେ ସେତେବେଳର କବିଗଣ।
ଆଉ ରଚିତ ହୋଇଥିଲା ଦେଶାତ୍ମବୋଧକତାରେ
ଭରପୂର ସ୍ୱାଧୀନତାର ସଙ୍ଗୀତ...

ସିନେମା
୪



# କୁକୁର ବାହାଘରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ ରାଜା



ଜୁନାଗଡ଼ର ନବାବ ଥିଲେ ମୋହମ୍ମଦ ମହାବତ ଖାନଜୀ ତୃତୀୟ। ସେ କୁକୁରଙ୍କୁ ବହୁତ ଭଲ ପାଉଥିଲେ। କୁକୁର ପାଳିବା ତାଙ୍କର ସଉକ ଥିଲା। ତାଙ୍କ ପାଖରେ ୮୦୦ରୁ ଅଧିକ କୁକୁର ଥିଲେ। ଆଉ ତାଙ୍କ ପ୍ରିୟ କୁକୁରଙ୍କୁ ଯେଉଁଠି ରଖାଯାଉଥିଲା ସେଠାରେ ବିଦ୍ୟୁତ୍ ଓ ଫୋନ୍‌ର ବ୍ୟବସ୍ଥା ରହୁଥିଲା। ତା'ସହ ୨୪ ଘଣ୍ଟା ଚାକର ରହିବା ବ୍ୟବସ୍ଥା କରାଯାଇଥିଲା। ଆଉ କୌଣସି କୁକୁରର ମୃତ୍ୟୁହେଲେ ସବୁ ପ୍ରକାରର କ୍ରିୟା କର୍ମ କରି କବର ଦିଆଯାଉଥିଲା। ଶବ ଯାତ୍ରା କରାଯାଇ ଶୋକ ସଙ୍ଗିତ ବଜା ଯାଉଥିଲା। ଆଉ ଉଚ୍ଚମାନର ପଥରରେ ସମାଧି ତିଆରି କରାଯାଉଥିଲା। ବିଖ୍ୟାତ ଐତିହାସିକ ଡମ୍‌ନିକ ଲମ୍ପିୟର୍ ଓ ଲୈରୀ କଲିନ୍ସଙ୍କ ନିଜର ପୁସ୍ତକ 'ଫ୍ରିଡମ୍ ଆଟ୍ ମିଡ୍ ନାଇଟ୍'ରେ ଲେଖିଛନ୍ତି ଯେ, ମହାବତ ଖାନ୍‌ଜୀ ଥରେ ତାଙ୍କର ଏକ ପ୍ରିୟ କୁକୁରର ବିବାହ ଉତ୍ସବ ଆୟୋଜନ କରିଥିଲେ। ଉକ୍ତ ବିବାହର ନିମନ୍ତ୍ରଣ ଭାରତର ସବୁ ବଡ଼ ବଡ଼ ରାଜା ମହାରାଜାଙ୍କୁ ପଠାଯାଇଥିଲା। ଭାଇସ୍‌ରୟଙ୍କୁ ବି ନିମନ୍ତ୍ରଣ ଦିଆଯାଇଥିଲା, ଯଦିଓ ସେ ଆସିବାକୁ ମନା କରିଦେଇଥିଲେ। ଲମ୍ପିୟରଙ୍କ ଅନୁସାରେ ଏହି ବିବାହ ଉତ୍ସବରେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଅତିଥିଙ୍କର ସମାଗମ ହୋଇଥିଲା। ସେତେବେଳେ ଖର୍ଚ୍ଚ ହୋଇଥିଲା ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ଯାହାର ଏବେକାର ମୂଲ୍ୟ ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୯-୧୫

**ମେଷ** – ସ୍ଥାନାନ୍ତର, ମାନସିକ ଅସ୍ଥିରତା, ବିଭିନ୍ନ ପ୍ରତିବନ୍ଧକ, ଆରୋଗ୍ୟ ଲାଭ, ଆର୍ଥିକ ପ୍ରଗତି, ଗୁରୁଜନଙ୍କ ସାନ୍ତ୍ୱନା, ସହକର୍ମୀଙ୍କ ସହଯୋଗ, ଅନାବଶ୍ୟକ ଖର୍ଚ୍ଚ, ନିର୍ମାଣରେ କଳହ, ପରିବହନରେ କ୍ଷତି, ନୂତନ କର୍ମାରମ୍ଭ, ଜମିଜମା କ୍ରୟ।

**ବୃଷ** – ବନ୍ଧୁ ସମ୍ପର୍କ, ଦୃଢ଼ ନିଷ୍ପତ୍ତି, ଆତ୍ମୀୟଙ୍କ ସମର୍ଥନ, ପାରିବାରିକ ବିତର୍କ, ଯାତ୍ରାରେ ପ୍ରତିବନ୍ଧକ, ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ମନୋରଞ୍ଜନ ମଉଜ, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ସମସ୍ୟା ସମାଧାନ, ବନ୍ଧୁଙ୍କ ସାହାଯ୍ୟ।

**ମିଥୁନ** – ନୂତନ ଆଶା, ବହୁବିଧ ଯୋଜନା, ସଂକଟ ଦୂରେଇବ, ସୁସ୍ଥ ମାନସିକତା, ବନ୍ଧୁଙ୍କ ସହାନୁଭୂତି, ରାଜନୈତିକ ବିତର୍କ, ପ୍ରଶାସନିକ ତତ୍ପରତା, ସହକର୍ମୀଙ୍କ ପ୍ରତିବାଦ, ଋଣଭାର ବୃଦ୍ଧି, ନୂତନ ବନ୍ଧୁସମ୍ପର୍କ।

**କର୍କଟ** – ଉଚ୍ଚ ସମ୍ମାନ, ପଡୋଶୀଙ୍କ ଉଦାରତା, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ସମସ୍ୟା। ଦୁଶ୍ଚିନ୍ତାର ବିଳୟ, ଭ୍ରମଣ ସୁଯୋଗ, ସଭା ସମିତିକୁ ଆହ୍ୱାନ, ଅମୀମାଂସିତ ନିଷ୍ପତ୍ତି, ବନ୍ଧୁ ବିରୋଧ, ଆର୍ଥିକ ଅଭିବୃଦ୍ଧି।

**ସିଂହ** – କାର୍ଯ୍ୟ ଦକ୍ଷତା, ଉଚ୍ଚ ପଦବୀ, ମାନସିକ ଅସ୍ଥିରତା, ଅଶାନ୍ତ ବାତାବରଣ, ଶତ୍ରୁବୃଦ୍ଧି, ସ୍ତ୍ରୀଙ୍କ ପରାମର୍ଶ, ସୁସମ୍ପର୍କ ବ୍ୟାହତ, ନିନ୍ଦା ଅପବାଦ। ବ୍ୟବସାୟିକ ଉତ୍କର୍ଷ, କଳାସାହିତ୍ୟରେ ସମ୍ମାନ।

**କନ୍ୟା** – ଦୁଃଖଦ ଅନୁଭୂତି, ମିତ୍ରଙ୍କ ସମବେଦନା, ସାମୟିକ ଅବସାଦ, ନୂତନ ଯୋଜନା, ଗବେଷଣାରେ ସଫଳତା, ଶିଳ୍ପର ପ୍ରସାର, ମିଥ୍ୟା ଅଭିଯୋଗ। ସହକର୍ମୀଙ୍କ ଦୌରାତ୍ମ୍ୟ, ସ୍ୱାସ୍ଥ୍ୟ ସମସ୍ୟା।

**ତୁଳା** – କୌଶଳର ପ୍ରୟୋଗ, ଅବିରାମ ଚେଷ୍ଟା, ପାରିବାରିକ ପରାମର୍ଶ, ପ୍ରଶାସନିକ ସାହାଯ୍ୟ, ଆଇନ ସହାୟତା, ଅଦାଲତ, ଜମିଜମା ରେଜିଷ୍ଟ୍ରେସନ୍, ଚୁକ୍ତିପତ୍ର ସମ୍ପାଦନ, ପ୍ରଗତିର ପଥରୋଧ।

**ବିଛା** – ସ୍ମରଣୀୟ କାର୍ଯ୍ୟ, ବୁଦ୍ଧିଜୀବୀଙ୍କ ପ୍ରଶଂସା, ନୂତନ ପ୍ରକଳ୍ପାରମ୍ଭ, ଫୁଟିଙ୍ଗ କାରବାରରେ ଉନ୍ନତି, ମାମଲାମକଦ୍ଦମାରେ ବିଜୟ, ପରିବହନରେ ସମସ୍ୟା, ଅପପ୍ରଚାର, ଅଭିସନ୍ଧିମୂଳକ କାର୍ଯ୍ୟ, ସମ୍ପର୍କୀୟଙ୍କ ହତାଦର।

**ଧନୁ** – ସରକାରୀ ସୁବିଧା, ମିଥ୍ୟା ପ୍ରତିଶ୍ରୁତି, ପ୍ରିୟବନ୍ଧୁଙ୍କ ସାନ୍ନିଧ, ସ୍ୱାସ୍ଥ୍ୟଗତ ସମସ୍ୟା, ବାଣିଜ୍ୟକ ଅଭିବୃଦ୍ଧି, ବାସ୍ତବବାଦୀ କଳ୍ପନା, ବିଜାତୀୟଙ୍କ ବଦାନ୍ୟତା, ବିବାଦର ଅବସାନ, ଚଳଚ୍ଚିତ୍ରରେ ବିବାଦ।

**ମକର** – ସ୍ୱାସ୍ଥ୍ୟ ସମସ୍ୟା, ବନ୍ଧୁ ବିଚ୍ଛେଦ, ଅର୍ଥ ସଂକଟ, ପାରିବାରିକ ସମର୍ଥନ, ଯାନବାହନରେ ତ୍ରୁଟି, ବ୍ୟବସାୟିକ ସଫଳତା, ନିର୍ମାଣରେ କଳହ, ପ୍ରଶାସନିକ ବିବାଦ, ଶିଳ୍ପବାଣିଜ୍ୟର ଅଭିବୃଦ୍ଧି, ସାଂଗଠନିକ କାର୍ଯ୍ୟ।

**କୁମ୍ଭ** – ନୂତନ ଯୋଜନା, ବୁଦ୍ଧିଜୀବୀମାନଙ୍କ ସାନ୍ନିଧ, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, ପାରିବାରିକ ଶାନ୍ତି, ମୂଲ୍ୟବାନ ଦ୍ରବ୍ୟ ଲାଭ, ପ୍ରତିକୂଳ ପରିସ୍ଥିତି, ପରିବହନରେ ଝଗଡ଼ା, ପ୍ରକାଶନରେ ସମସ୍ୟା।

**ମୀନ** – ସମସ୍ୟାର ସମାଧାନ, ସହକର୍ମୀଙ୍କ ସାହାଯ୍ୟ, ଅର୍ଥନୈତିକ ଅଭିବୃଦ୍ଧି, ଭ୍ରାତୃ ସମ୍ପର୍କରେ ଉନ୍ନତି, ସାହିତ୍ୟ ଚର୍ଚ୍ଚା, ଅନୁସନ୍ଧାନରେ ସଫଳତା, ନୂତନ ଗୃହାରମ୍ଭ, ଜମିଜମା ବିକ୍ରୟ, ବ୍ୟବସାୟିକ ଉତ୍କର୍ଷ, ଆନୁଷ୍ଠାନିକ କାମ।

# ନେକ୍‌ଲେସ୍ ମାସ୍କ

କରୋନା ମହାମାରୀ ପାଇଁ ମାସ୍କ ଏବେ ଜୀବନର ମୁଖ୍ୟ ଅଙ୍ଗ ପାଲଟିଗଲାଣି। ବାହାରକୁ ବାହାରିଲାମାନେ ସମସ୍ତଙ୍କ ମୁହଁରେ ମାସ୍କ। ତେଣୁ ଏହାର ଚାହିଦା ଦେଖି ବଜାରକୁ ବିଭିନ୍ନ ପ୍ରକାର ମାସ୍କ ଆସୁଛି। ଯେମିତି କି ଏବେ ବିବାହ ସମୟରେ କନ୍ୟା ପିନ୍ଧିବା ପାଇଁ ତିଆରି କରାଯାଇଛି ସମ୍ପୂର୍ଣ୍ଣ ସୁନାର ନେକ୍‌ଲେସ୍ ମାସ୍କ। ପୁଣେର ରାଙ୍କା ଜୁଏଲର୍ସ ଏହି ମାସ୍କ ତିଆରି କରିଛନ୍ତି। ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି





ମାସ୍କ କନ୍ୟାଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ସୁନ୍ଦରତା ବି ବଢ଼ାଇବ। ୧୨୪ ଗ୍ରାମରେ ତିଆରି ଉକ୍ତ ମାସ୍କର ମୂଲ୍ୟ ୬ ଲକ୍ଷରୁ ଊର୍ଦ୍ଧ୍ୱ। ଚାହିଁଲେ ଏହାକୁ ନେକ୍‌ଲେସ୍‌ଭାବେ ପିନ୍ଧିହେବା ସହ ଚାହିଁଲେ ମାସ୍କଭାବେ ବି ବ୍ୟବହାର କରିହେବ। କାରଣ ଏହାକୁ ଏନ୍ ୯୫ ମାସ୍କରେ ସିଲେଇ କରାଯାଇଛି। ଏହାକୁ ଧୋଇକି ବି ପିନ୍ଧିହେବ। ମାସ୍କ ଖରାପ ହୋଇଗଲେ ନେକ୍‌ଲେସ୍‌କୁ ବାହାର କରି ନୂଆ ମାସ୍କରେ ଫିକ୍ସ କରିହେବ। ନେକ୍‌ଲେସ୍‌ଟିର ଡିଜାଇନ୍ ବହୁତ ସୁନ୍ଦର ତେଣୁ ଏବେ ସବୁ କନ୍ୟାଙ୍କୁ ଏହା ବହୁତ ପସନ୍ଦ ଆସୁଛି।

# ପାଠକୀୟ

➢ମହାମାରୀର ପ୍ରଭାବରେ ଆଜି ସମସ୍ତେ ଧରାଶାୟୀ। ଆଜି ସମସ୍ତଙ୍କ ପାଖେ ଅବସର ସମୟ। ଆଉ ଏଇ ସମୟରେ କିଛି ଲୋକ ନିଜ ଇଚ୍ଛାଶକ୍ତି ବଳରେ କିଛି ନୂଆ କରି ଦେଖେଇଛନ୍ତି, ସେମାନଙ୍କୁ ନେଇ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଏଇ ଫୁର୍‌ସତ୍‌ରେ' ବେଶ୍ ସୁନ୍ଦର ଭାବେ ଉପସ୍ଥାପନ ହୋଇଥିଲା। ଏଥରର ହାଃ ହାଃ ଓ କାର୍ଟୁନ କର୍ନର୍ ବେଶ ହସର ଖୋରାକ ଯୋଗାଇଥିଲା।

**–ମୋନା, ସୋନା, ସାଲୁ, ରଶ୍ମି, ନୟାଗଡ଼**

➢ସିନେମା ପୃଷ୍ଠାରେ ସେଲିବ୍ରିଟିଙ୍କ ଉପରେ ଆହୁରି ଭଲ ଭଲ ଅଜଣା କଥା ପ୍ରଦାନ କରିବାକୁ ଅନୁରୋଧ। ଚିନ୍ମୟ ଚିନ୍ତନ ମନକୁ ଛୁଇଁଗଲା। ସୃଜନ ପୃଷ୍ଠାଟି ବହୁତ ଭଲ ଲାଗୁଛି। ତେବେ ଛୁଟିଦିନକୁ ଆମେ ପୁଣି ଥରେ ୧୬ ପୃଷ୍ଠାରେ ଦେଖିବାକୁ ଚାହୁଁଛୁ। ଏଥିପ୍ରତି ଦୃଷ୍ଟି ଦେବେ।

**– ଲୋପାମୁଦ୍ରା ମହାପାତ୍ର, ରାୟଗଡ଼ା**

➢ପ୍ରତିଥର ପରି ଏଥର ଧରିତ୍ରୀ ଛୁଟିଦିନରେ ପ୍ରଚ୍ଛଦ ପ୍ରସଙ୍ଗ 'ଏଇ ଫୁର୍‌ସତ୍'ରେ ବେଶ୍ ସୁନ୍ଦର ଭାବେ ଉପସ୍ଥାପିତ ହୋଇଥିଲା। ମହାମାରୀ ପ୍ରଭାବରେ ସମସ୍ତେ ଜୀବିକା ହରେଇଥିବା ବେଳେ କିଛି ଲୋକଙ୍କର ପ୍ରତିଭା ବେଶ୍ ସୁନ୍ଦର ଭାବେ ପ୍ରକାଶ ପାଇଛି। ଆଉ ସେମାନଙ୍କ ସମ୍ପର୍କରେ ଜାଣିବାକୁ ପାଇଲୁ। ହାଃ ହାଃ ବେଶ୍ ମନଛୁଆଁ ହୋଇଥିଲା। ସୃଜନ ପୃଷ୍ଠା ବେଶ୍ ସୁନ୍ଦର ହୋଇଥିଲା।

**–ନସିମା, ପୂଜା, ଇତି, ମଣ୍ଟୁ, ନୀଳକଣ୍ଠ ନଗର, ଭୁବନେଶ୍ୱର**

➢ସବୁଥର ଛୁଟିଦିନରେ କେତେ କେତେ କଥାର ସମ୍ଭାର ଦେଖିବାକୁ ମିଳେ। ଏଥର ପ୍ରଚ୍ଛଦ ପ୍ରସଙ୍ଗରେ 'ଏଇ ଫୁର୍‌ସତ୍'ର ସୁନ୍ଦର ଉପସ୍ଥାପନା ଏଇ ମହାମାରୀ ସମୟରେ ବହୁ ଲୋକଙ୍କୁ ଉତ୍ସାହ ଯୋଗାଇବା ସହ ନୂଆ କିଛି କରିବାର ବାଟ ଦେଖାଇବ। ହାଃ ହାଃ ବହୁତ ମଜାଦାର ଥିଲା।

**–ଧରିତ୍ରୀ,ଗୀତା, ସୁହାସିନି, ଭୁବନେଶ୍ୱର**

➢ସୃଜନର ଗପ କବିତାଗୁଡ଼ିକ ବହୁତ ଭଲ ଲାଗିଲା। ସିନେମା ପୃଷ୍ଠାରେ ପ୍ରେମ ନୁହେଁ, କେବଳ ଆକ୍ସନ୍, ସେହି ଦଶଦିନ ବିଷୟ ବହୁତ ଭଲ ଲାଗିଲା। ମଡେଲ ମିରରେ ସୌମ୍ୟାପ୍ରୀତି ବହୁତ ସୁନ୍ଦର ଲାଗୁଥିଲେ। ହାଃ ହାଃ ବେଶ୍ ମଜାଦାର ଥିଲା।

**– ମନସ୍ମିତା ନାୟକ, ସମ୍ବଲପୁର**

➢ପ୍ରଚ୍ଛଦ ପ୍ରସଙ୍ଗ ଶିକ୍ଷଣୀୟ ହେବା ସହ ପ୍ରେରଣାଦାୟକ ଥିଲା। କେଉଁ ଦିଗରେ କେଉଁ ପରଦା ଲଗାଯିବ ସେ ବିଷୟରେ ଜାଣି ଭଲ ଲାଗିଲା। ସ୍କିପିଂ ଖେଳି କୁକୁର କରିଥିବା ରେକର୍ଡ ପାଠଟି ବେଶ୍ ରୋଚକ ଥିଲା। କାର୍ଟୁନ କର୍ନର ସବୁଥର ପରି ଭଲ ଲାଗିଲା।

**– ମନ୍ମୟ ପାଢୀ, ଓଡ଼ଗାଁ**

## ବିଶେଷ ଚିଠି



ଜଣା ଅଜଣା କଥାର ସମ୍ଭାର
ପ୍ରତିଟି ପୃଷ୍ଠାରେ ହୁଏ ସେ ବର୍ଣ୍ଣନ
ସାହିତ୍ୟ ସିନେମା କାର୍ଟୁନ କର୍ନର
ସାଥେ ଆଣେ ଛୁଟିଦିନ ରବିବାର।।
ହାଃ ହାଃ ସାଥେ ମଡେଲ ମିରର
ବ୍ୟାକ୍‌ପେଜ କହେ କଥା ଦୁନିଆର
ସବୁବେଳେ ଏଇମିତି ଆସୁଥାଅ
କିଣି ନିଅ ସବୁ ଓଡ଼ିଆଙ୍କ ମନ।।

**–ବନ୍ଦନା ମାନ୍ଧତା, ଖୋର୍ଦ୍ଧା**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ସ୍ୱାଧୀନତାର ସଙ୍ଗୀତ

କୁହାଯାଏ, ସଙ୍ଗୀତର ବିକଳ୍ପ ନାହିଁ। ମଣିଷଠୁ ଆରମ୍ଭକରି ପଶୁପକ୍ଷୀ ଏପରିକି ବୃକ୍ଷଲତାଙ୍କୁ ମଧ୍ୟ ଆକର୍ଷିତ କରିପାରିଥାଏ ସଙ୍ଗୀତ। ସେଥିଲାଗି ଯେବେ ବି ମଣିଷ ସଙ୍କଟରେ ପଡ଼ିଛି ସେଥିରୁ ମୁକ୍ତି ପାଇବା ପାଇଁ ସଙ୍ଗୀତକୁ ହିଁ ଆଶ୍ରା କରିଛି। ସେମିତି ଏକ ମହାସଙ୍କଟର କାଳ ଥିଲା ଭାରତରେ ବ୍ରିଟିଶ୍‌ର ରାଜତ୍ୱ। ସେହି ପରାଧୀନତାରୁ ମୁକୁଳିବା ଲାଗି ସେତେବେଳର ଦେଶପ୍ରେମୀମାନେ ସଙ୍ଗୀତକୁ ଅନ୍ୟତମ ଅସ୍ତ୍ର ଭାବରେ ବ୍ୟବହାର କରିଥିଲେ। ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ଭାରତରେ ସ୍ୱାଧୀନତାର ସ୍ରୋତ ପ୍ରବଳ ତଥା ପ୍ରଖର ହୋଇଉଠିଥିଲା। ପ୍ରତ୍ୟେକ ଭାରତୀୟ ଏକସଙ୍ଗରେ ଏ କଥା ଚିନ୍ତା କରିଥିଲେ ଯେ, ପରାଧୀନ ରହିବା ଆଉ ସମ୍ଭବ ନୁହେଁ। ସେମାନଙ୍କୁ ଏବେ ସ୍ୱାଧୀନତା ଦରକାର। ସ୍ୱତନ୍ତ୍ରତା ଲୋଡ଼ା। ସମଗ୍ର ଦେଶ ଯେମିତି ଦେଶପ୍ରେମର ଜ୍ୱରରେ ପୀଡ଼ିତ ହେବାକୁ ଲାଗିଲା। ଆଉ ଦେଶପ୍ରେମର ଜ୍ୱରରୁ ଉପଶମ ପାଇବାର ଗୋଟିଏ ମହୌଷଧି ଥିଲା ଦେଶପ୍ରେମର ଗୀତ। କୋଟିକୋଟି ଲୋକଙ୍କୁ ଗୋଟିଏ ମନରେ ବାନ୍ଧି ରଖିବା ପାଇଁ କମରକଷି ଅଣ୍ଟା ଭିଡ଼ିଥିଲେ ସେତେବେଳର କବିଗଣ। ଆଉ ରଚିତ ହୋଇଥିଲା ଦେଶାତ୍ମବୋଧକତାରେ ଭରପୂର ସ୍ୱାଧୀନତାର ସଙ୍ଗୀତ।

**ବନ୍ଦେ ମାତରମ୍ :** ଭାରତୀୟ ସ୍ୱାଧୀନତା ସଂଗ୍ରାମର ବିପ୍ଳବୀମାନଙ୍କ ମଧ୍ୟରେ ସର୍ବାଧିକ ଦେଶପ୍ରେମ ତରଙ୍ଗ ଛୁଟାଇଥିଲା ଏହି 'ବନ୍ଦେ ମାତରମ୍' ସଙ୍ଗୀତ। ଏହାକୁ କେବଳ ବୋଲାଯାଉ ନଥିଲା ; ଅଧିକନ୍ତୁ ଏହାର ପ୍ରଥମ ଧାଡ଼ିଟି ହିଁ ପାଲଟିଯାଇଥିଲା ଦେଶପ୍ରେମର ସ୍ଲୋଗାନ୍। ୧୮୭୦ ମସିହାରେ ପ୍ରସିଦ୍ଧ ବଙ୍ଗଳା ଲେଖକ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଏହାକୁ ସଂସ୍କୃତ ଭାଷାରେ ରଚନା କରିଥିଲେ। ଏହା ତାଙ୍କର 'ଆନନ୍ଦମଠ' ଉପନ୍ୟାସରେ ସ୍ଥାନିତ ହୋଇଥିଲା। ଏଥିରେ ଭାରତକୁ ମାତା ବୋଲି ସମ୍ବୋଧନ କରାଯାଇଥିଲା। ପ୍ରଥମ ଗାୟକ ଭାବରେ ୧୮୯୬ ମସିହାରେ ରବୀନ୍ଦ୍ରନାଥ ଟାଗୋର ଇଣ୍ଡିଆନ୍ ନ୍ୟାଶନାଲ କଂଗ୍ରେସରେ ଏହାକୁ ଗାନ କରିଥିଲେ। ୧୯୩୭ ମସିହାରେ କଂଗ୍ରେସ ୱାର୍କିଂ କମିଟି ପକ୍ଷରୁ ଏହା ଭାରତର ଜାତୀୟ ସଙ୍ଗୀତ(National Song of India) ଭାବରେ ଗ୍ରହଣ କରାଯାଇଥିଲା। ସନ୍ଥ ଶ୍ରୀଅରବିନ୍ଦ ଏହାକୁ National Anthem of Bengal ବୋଲି ଘୋଷଣା କରିଥିଲେ। ଏହି ଗୀତ ଥିବା ଉପନ୍ୟାସ 'ଆନନ୍ଦମଠ'କୁ ବ୍ରିଟିଶ ସରକାର ନିଷିଦ୍ଧ ଘୋଷଣା କରିଥିଲେ। ମାତ୍ର ସେତେବେଳକୁ ଏହି ଗୀତଟି ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଏକ ମହାମନ୍ତ୍ର ପାଲଟି ସାରିଥିଲା।

**ପରାଧୀନତାରୁ ମୁକୁଳିବା ଲାଗି ସେତେବେଳର ଦେଶପ୍ରେମୀମାନେ ସଙ୍ଗୀତକୁ ଅନ୍ୟତମ ଅସ୍ତ୍ର ଭାବରେ ବ୍ୟବହାର କରିଥିଲେ। କୋଟିକୋଟି ଲୋକଙ୍କୁ ଗୋଟିଏ ମନରେ ବାନ୍ଧି ରଖିବା ପାଇଁ କମରକଷି ଅଣ୍ଟା ଭିଡ଼ିଥିଲେ ସେତେବେଳର କବିଗଣ।**
**ଆଉ ରଚିତ ହୋଇଥିଲା ଦେଶାତ୍ମବୋଧକତାରେ ଭରପୂର ସ୍ୱାଧୀନତାର ସଙ୍ଗୀତ...**

**ଜନ-ଗଣ-ମନ :** ଜନ-ଗଣ-ମନ ଅଧିନାୟକ ଜୟ ହେ, ଭାରତ ଭାଗ୍ୟ ବିଧାତା! ଏହା ହେଉଛି ଭାରତର National Anthem. ରବୀନ୍ଦ୍ରନାଥ ଟାଗୋରଙ୍କ ଦ୍ୱାରା ରଚିତ ଏହି କବିତାଟି ୧୯୦୫ ମସିହାରେ 'ଭାରତ ଭାଗ୍ୟ ବିଧାତା' ଶୀର୍ଷକରେ 'ଆଦି ବ୍ରହ୍ମ ସମାଜ'ର ମୁଖପତ୍ର 'ତତ୍ତ୍ୱବୋଧିନୀ' ପତ୍ରିକାରେ ପ୍ରକାଶିତ ହୋଇଥିଲା। ସେତେବେଳେ 'ତତ୍ତ୍ୱବୋଧିନୀ' ପତ୍ରିକାର ସମ୍ପାଦକ ଥିଲେ ନିଜେ ଟାଗୋର। ୧୯୧୧ ଡିସେମ୍ବର ୨୭ ତାରିଖରେ କୋଲକାତା (ତତ୍କାଳୀନ କଲିକତା)ରେ ଆୟୋଜିତ ଇଣ୍ଡିଆନ୍ ନ୍ୟାଶନାଲ କଂଗ୍ରେସର ବାର୍ଷିକ ଅଧିବେଶନ ଦ୍ୱିତୀୟ ଦିନରେ ଏହା ଗାୟନ କରାଯାଇଥିଲା। ଏହା ଥିଲା 'ଜନ-ଗଣ-ମନ'ର ପ୍ରଥମ ସର୍ବସାଧାରଣ ଗାୟନ। 'ତତ୍ତ୍ୱବୋଧିନୀ'ରେ ପ୍ରକାଶିତ କବିତାଟି ସମ୍ପୂର୍ଣ୍ଣ ବଙ୍ଗଳା ଭାଷାରେ ରଚିତ ହୋଇଥିଲା। ପରେ ଟାଗୋର ସେଥିରେ କିଛି ପରିବର୍ତ୍ତନ କରିଥିଲେ। ୧୯୫୦ ଜାନୁୟାରୀ ୨୪ ତାରିଖରେ ଏହାକୁ National Anthem ଭାବରେ ସ୍ୱୀକୃତି ଦିଆଯାଇଥିଲା। ଏହା ପୂର୍ବରୁ ୧୯୪୫ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ହମ୍‌ରାହୀ'ରେ ଏହି ଗୀତଟିକୁ ରଖା ଯାଇଥିଲା। ନିଜେ ଟାଗୋର ମଧ୍ୟ ଏହି ଗୀତଟିର ଇଂଲିଶ ଅନୁବାଦ କରିଥିଲେ।

**ସାରେ ଜହାଁ ସେ ଆଚ୍ଛା :** ସାରେ ଜହାଁ ସେ ଆଚ୍ଛା, ହିନ୍ଦୁସିତାଁ ହମାରା/ହମ୍ ବୁଲବୁଲେଁ ହେଁ ଇସ୍‌କି/ୟେ ଗୁଲସିତାଁ ହମାରା! ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଲେଖା ଯାଇଥିବା ଏହି ଗୀତଟି ଆଜି ବି ଶ୍ରୋତାଙ୍କ ତନ୍ତ୍ରୀରେ ସ୍ୱତନ୍ତ୍ରତା ତଥା ଦେଶପ୍ରେମର କମ୍ପନ ସୃଷ୍ଟିକରେ। ଏହାକୁ କେହିକେହି 'ଆନ୍ଥେମ୍ ଅଫ୍ ଦି ପିପୁଲ ଅଫ୍ ହିନ୍ଦୁସ୍ତାନ' ବୋଲି କହିଥାନ୍ତି। ଏହି କାଳଜୟୀ ଗୀତକୁ ରଚନା କରିଥିଲେ ପ୍ରସିଦ୍ଧ କବି ମହମ୍ମଦ ଇକ୍‌ବାଲ୍। ମୁଖ୍ୟତଃ ପିଲାମାନଙ୍କ ପାଇଁ ସେ ଏହି ଗୀତଟିକୁ ରଚନା କରିଥିଲେ। ୧୯୦୪ ଅଗଷ୍ଟ ୧୬ ତାରିଖରେ ଏହା 'ଇତେହଦ୍' ନାମକ ସାପ୍ତାହିକୀ ପତ୍ରିକାରେ ପ୍ରକାଶିତ ହୋଇଥିଲା। ଏହାର ପରବର୍ଷ ବ୍ରିଟିଶ୍ ଇଣ୍ଡିଆର ଲାହୋର (ବର୍ତ୍ତମାନର ପାକିସ୍ତାନ) ସ୍ଥିତ ଏକ ସରକାରୀ ମହାବିଦ୍ୟାଳୟରେ ନିଜେ ଇକବାଲ୍ ଏହାକୁ ଗାଇ ଶୁଣାଇଥିଲେ। ଏହି ଗୀତର ଆବେଦନ ଏତେ ତୀବ୍ର ଥିଲା ଯେ, କିଛିଦିନ ଭିତରେ ଏହା ଓଠରୁ ଓଠକୁ ସମ୍ପ୍ରସାରିତ ହୋଇଯାଇଥିଲା। ସେତେବେଳର ପ୍ରବଳପ୍ରତାପୀ ବ୍ରିଟିଶରାଜରେ ପୀଡ଼ିତ ଲୋକମାନଙ୍କ ପାଇଁ ଏହା ମହୌଷଧିଠାରୁ କିଛି କମ୍ ନଥିଲା। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଏହା ଅତି ପ୍ରିୟ ସଙ୍ଗୀତ ଥିଲା। ୧୯୩୦ରେ ଗାନ୍ଧିଜୀ ଏରୱାଡ଼ା ଜେଲରେ ବନ୍ଦୀ ଥିବା ବେଳେ ଏହାକୁ ଶତାଧିକ ବାର ଗାନ କରିଥିଲେ।





# ହତ୍ୟାକାରୀ

**–ଅନିଲ କୁମାର ବୋଇତି**

ସନାତନବାବୁଙ୍କ ଘରେ ଆଜି ସମସ୍ତେ ବହୁତ ଖୁସି। ଖୁସି ହେବେନି ବା କେମିତି,ଏତେ ବର୍ଷ ପରେ ତାଙ୍କ ଏକମାତ୍ର ଝିଅ ରିନୁର ବାହାଘର ଠିକ୍ ହେଇଯାଇଛି। ସନାତନବାବୁ ଏତେ ଖୁସି ଯେ ଫୋନ କରି ସାଙ୍ଗସାଥୀ, ସାହି ପଡିଶା ସବୁରିଙ୍କୁ ଖୁସିରେ ଜଣେଇଛନ୍ତି। ମୋ ରିନୁର ବାହାଘର ଠିକ୍ ହେଇଗଲା। ସୁମିତ୍ରା ଦେବୀମାନେ ରିନୁର ମା'। ହେଇଟି ଶୁଣୁଛ, ହଁ କୁହ, ଝିଅ ବାହାଘର ତ ଠିକ୍ ହେଇଗଲା, କ'ଣ କେମିତି କରିବା ଏତେ ଗୁଡେ ଟଙ୍କା କ'ଣ କୋଉଠୁ ଯୋଗାଡ କରିବା। ଓହୋ ରିନୁ ବୋଉ ତମେ ନା, ସବୁ ଯୋଗାଡ ହେଇଯିବ। ସକାଳୁ ସକାଳୁ ସନାତନବାବୁ ବାହାରିଲେ। ସୁମିତ୍ରା ମୋ ବ୍ୟାଗ ଓ ସେ ବ୍ୟାଙ୍କର ଖାତାଗୁଡିକ ଆଣିଲ। ବେଳାବେଳି ବାହାରିଯାଏ। କାମ ସାରି ବେଳାବେଳି ଆସିଲେ ତେଣେ ପୁଣି କେତେ କାମ ବାକି ରହିଲାଣି ଯେ। ସନାତନବାବୁ ବ୍ୟାଙ୍କରୁ ଟଙ୍କା ଉଠେଇ ଆସୁଛନ୍ତି। ମନ ଖୁସିରେ ନିଜ ଭିତରେ କଥା ହେଇକି, ରିନୁର ବାହାଘରରେ ଏମିତି କରିବି ଏଟା କରିବି ସେଟା କରିବି କାହିଁ କେତେ କ'ଣ। ହେଲେ ରାସ୍ତାରେ ଗଲାବେଳେ ତାଙ୍କ ଅଜାଣତରେ ତାଙ୍କ ଟଙ୍କା ଥିବା ବ୍ୟାଗଟି ପଡିଯାଇଛି। ସେ ବ୍ୟାଗଟି ପଡିଛି ଶିବା ବୋଲି ଗୋଟେ ପିଲା ହାତରେ। ଶିବା ହେଲା ଗୋଟେ କଲେଜ ପଢୁଆ ପିଲା, ଯାହାର କାମ ଛକରେ ପିଲାଙ୍କ ସହିତ ଖଟି କରିବା, ନିଶା କରିବା, ମଉଜ ମଜଲିସରେ ଦିନ କାଟିବା। ଏଭଳି ପିଲା ହାତରେ ଟଙ୍କା ପଡିଛିମାନେ ଭବିପାରୁଥିବେ କ'ଣ ହବ ସେ ଟଙ୍କାର। ଶିବା ଟଙ୍କା ପାଇ ବହୁତ ଖୁସି। ସଙ୍ଗେ ସଙ୍ଗେ ସାଙ୍ଗମାନଙ୍କୁ ଡାକି ରାତିର ପାର୍ଟି ପାଇଁ ଆସିଯିବାକୁ କହିଲା। ଥରୁଟେ ଭାବିଲାନି, ଏଇ ଟଙ୍କା କାହାର ହେଇଥିବ, କାହାର ଜରୁରୀ କାମ ପାଇଁ କିଏ ଆଣିଥିବ, ଶିବା ଫେରେଇବାକୁ ଚେଷ୍ଟା ବି କଲାନି। ସନାତନବାବୁ ଘରେ ପହଞ୍ଚି, ସୁମିତ୍ରା ଦେବୀଙ୍କୁ କହିଲେ ରିନୁ ମା' ପାଣି ଆଣିଲ କୁହନା କୁହନା ବ୍ୟାଙ୍କରେ କି ଭିଡ। ସୁମିତ୍ରା ଦେବୀ ପାଣି ଦେଲେ। ସୁମିତ୍ରା ଟଙ୍କା ନେଇଆସିଛି, ନେଇଯାଅ ଭଲରେ ଆଲମାରିରେ ରଖିବ। ଟଙ୍କା ବ୍ୟାଗ କାଢିଲା ବେଳକୁ ଟଙ୍କା ବ୍ୟାଗ ନାହିଁ। ସନାତନବାବୁଙ୍କ ମୁଣ୍ଡରେ ଚଡକ ପଡିଲା, କ'ଣ କରିବେ କ'ଣ ନାହିଁ କିଛି ବୁଝିପାରୁନାହାନ୍ତି। ସୁମିତ୍ରା ଏତେ ଗୁଡେ ଟଙ୍କା କୋଉଠି ପକେଇଲ। ମନେ ଅଛି ତ, ବର ଘରବାଲା କହିଥିଲେ ନଗଦ ପଚାଶ ହଜାର ଟଙ୍କା ଦେଲେ ପୁଅ ବେଦିରେ ବସିବ ବୋଲି। ଏବେ କ'ଣ କରିବା। ସୁମିତ୍ରା ତମେ ବ୍ୟସ୍ତ ହୁଅନି କି ବଡପାଟି କରି କୁହନି ରିନୁ ଶୁଣିବ, ମୁଁ କିଛି ଗୋଟେ କରୁଛି। ହେଲେ କିଛି ବାଟ ନ ଥିଲା ସନାତନବାବୁଙ୍କ ପାଖରେ। ଶିବା ଟଙ୍କା ପାଇ ପାର୍ଟିରେ ମସଗୁଲ। ଏପଟେ ସନାତନବାବୁଙ୍କ ଚିନ୍ତାରେ ମୁଣ୍ଡ ଫାଟିପଡୁଛି। ଶେଷରେ ସନାତନବାବୁ ଅପମାନ ସହିପାରିବେନି ଭାବି ବିଷ ଖାଇଦେଲେ। ସକାଳ ହେଲାବେଳକୁ ସନାତନବାବୁ ଆଉ ନାହାନ୍ତି ଏ ଦୁନିଆରେ। ସୁମିତ୍ରା, ରିନୁ ସନାତନବାବୁଙ୍କୁ ଧରି ବାହୁନି ବାହୁନି କାନ୍ଦୁଛନ୍ତି। ସାହି ପଡିଶା ସମସ୍ତେ ଜମା ହେଇଛନ୍ତି। ଶିବା ରୁହେ ସନାତନ ବାବୁଙ୍କ ଘର ପାଖରେ। ସକାଳୁ ସକାଳୁ କାନ୍ଦ ବୋବାଳିର ଶବ୍ଦ। ମା' ମା' କାହାର କ'ଣ ହେଇଛି, ଏତେ ସକାଳୁ ସକାଳୁ କାନ୍ଦ ବୋବାଳି କିଏ ପକାଉଛି। ଆରେ ତୁ ଜାଣିନୁ କି ସନାତନବାବୁ, ତୋ ସନା ମଉସା ମ, ରିନୁ ନାନୀ ବାହାଘର ପାଇଁ ବ୍ୟାଙ୍କରୁ ଟଙ୍କା ଉଠେଇ ଆଣୁଥିଲେ। ଟଙ୍କା ବ୍ୟାଗଟି କୋଉଠି ପଡିଯାଇଛି। କ'ଣ କେମିତି ରିନୁର ବାହାଘର କରିବେ ସେଇ ଚିନ୍ତାରେ ବିଷ ଖାଇଦେଲେ। ଯିଏ ସେ ଟଙ୍କା ପାଇଥିବ ସେ କେଡେ ଅବିବେକୀ ଲୋକଟା, ଥରୁଟେ ଫେରେଇବାକୁ ଇଚ୍ଛା ବି କଲାନି। ଭଗବାନ ତା'ର କେବେ ବି ମଙ୍ଗଳ କରିବେନି କହି ଚାଲିଗଲେ ଭିତରକୁ। ଶିବା ତା' ମା'ର କଥାକୁ ଶୁଣି ତା' ମୁଣ୍ଡ କିଛି କାମ କରୁ ନ ଥାଏ। ହେ ଭଗବାନ କ'ଣ କଲି ମୁଁ କହି ଖଟରେ ବସି ପଡ଼ିଲା ଓ ତା' ଆଖିରେ ଥିଲା ଅନୁତାପର ଲୁହ। ଶିବା ଅଜାଣତରେ ସନାତନବାବୁଙ୍କ ହତ୍ୟାକାରୀ ସାଜି ସାରିଥିଲା। ଏମିତି ହତ୍ୟା ଦୁନିଆରେ ଅନେକ ହଉଛି ହେଲେ କେବେ ତା' ଉପରେ ଢାଙ୍କି ହୋଇ ରହିଥିବା ପରଦା ଉଠିପାରୁନି।

*– ଛେଣ୍ଡ କଲୋନି, ରାଉରକେଲା, ମୋ-୯୭୯୨୪୧୭୭୯୯*



## ତିନୋଟି ଏକପଦୀ

**–ରୋହିତ ସେଠୀ**

**ଫୁଲହାଟ:**
ଆଶାର ଆକାଶେ ପୂର୍ଣ୍ଣଇନ୍ଦୁ ତୁମେ
ଭାବନାର ଚିତ୍ରପଟ
ମନ ଅଗଣାରେ ସଜାଇ ରଖିଛି
ତୁମପାଇଁ ଫୁଲହାଟ ।।

**ପ୍ରତୀକ୍ଷା:**
ପ୍ରତୀକ୍ଷା ଦୀପାଳି ହୃଦୟରେ ଜାଳି
ଚାହିଁ ରହିଅଛି ମୁହିଁ
ପାଛୋଟି ନେବି ମୁଁ, ସାଦରେ ତୁମକୁ
ପ୍ରୀତି ଫୁଲତୋଡା ଦେଇ ।।

**ସ୍ମିତହାସ୍ୟ:**
ସେନେହ ଶରଧା ସାଉଁଟିଛି କେତେ
ତୁମ ଆଞ୍ଜୁଳାରେ ଦେଇ
ଦୀର୍ଘ ଦିନର ଦୁଃଖ ଭୁଲିଯିବି
ତବ ସ୍ମିତହାସ୍ୟ ଚାହିଁ ।।

*ଖଜୁରୀପଡ଼ା, କନ୍ଧମାଳ*
*ମୋ-୯୪୩୮୦୭୩୯୩୦*

## ସ୍ୱାଧୀନତା

**–ବିପ୍ଳବ**

ତୁ ଛଡ଼େଇ ନେଇଛୁ
ମୋ ଠୁଁ ମୋତେ
ଏକା ହେଲା ପରେ
ଶୁଣି ପାରୁନି ତୋ ମିଠା ମିଠା କଥା,
ପାଗଳୀ.. ! ତୁ କ'ଣ ଛଡ଼େଇ ପାରିବୁ
ତୋତେ ଭଲ ପାଇବାର
ତୋତେ ଟିକେ ଭାବିବାର
ସ୍ୱାଧୀନତା !

*ମକୁନ୍ଦପୁର, ବାଙ୍କି*
*ମୋ: ୯୪୩୭୪୬୮୦୧୬*



# ଜାହ୍ନବୀ ଯାହା ଭାବୁଥିଲେ...

ସ୍ୱପ୍ନ କିଏ ନ ଦେଖେ କହିଲେ ? ଠିକ୍ ସେମିତି ଜାହ୍ନବୀ ମଧ୍ୟ ସ୍ୱପ୍ନ ଦେଖିଥିଲେ। ଯେତେ ବାଧାବିଘ୍ନ ଆସୁ ପଛେ ତାକୁ ସାକାର କରିବାକୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛନ୍ତି। ହେଲେ ସେହି ସ୍ୱପ୍ନଟି କ'ଣ ଜାଣନ୍ତି ? ତାଙ୍କର ଇଚ୍ଛା ସେ ଏୟାର ଫୋର୍ସରେ ପାଇଲଟ୍ ହେବେ। ତାଙ୍କର ଏହି ଆଶା ପୂରଣ ହେଉଛି କି ? ଏ ବିଷୟରେ ସୂଚନା ଦେବା ପୂର୍ବରୁ ଅସଲ କଥା ଜଣାଇ ଦେବା ଭଲ ହେବ। ଜାହ୍ନବୀ କପୁର ଏପରି ସ୍ୱପ୍ନ ଦେଖିଛନ୍ତି ନିଜ ରିଲ୍ ଲାଇଫରେ। ଜଣେ ଝିଅ କିପରି ସାହସର ସହ ଏୟାର ଫୋର୍ସରେ ଯୋଗଦେଉଛନ୍ତି ଏବଂ ପାଇଲଟ୍ ଭାବେ ସୁନାମ ଅର୍ଜନ କରୁଛନ୍ତି ସେପରି ଏକ ସତ୍ୟ ଘଟଣାକୁ ଆଧାର କରି ନିର୍ମିତ ହୋଇଛି ହିନ୍ଦୀ ଚଳଚ୍ଚିତ୍ର 'ଗୁଞ୍ଜନ ସାକ୍ସେନା : ଦ କାରଗିଲ ଗର୍ଲ'। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଜାହ୍ନବୀ। ଉକ୍ତ ସିନେମାର ପ୍ରଥମ ଗୀତ 'ଭାରତ କି ବେଟି'ର ଟ୍ରେଲର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଜଣେ ବାପା ନିଜ ଝିଅକୁ ତା' ସ୍ୱପ୍ନ ପୂରଣ କରିବାକୁ କିପରି ଉତ୍ସାହିତ କରୁଛନ୍ତି ତାହା ଏହି ଗୀତରେ ଦେଖିବାକୁ ମିଳିଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସରନ୍ ଶର୍ମା। ଏଥିରେ ଜାହ୍ନବୀଙ୍କ ବ୍ୟତୀତ ପଙ୍କଜ ତ୍ରିପାଠୀ, ଅଙ୍ଗଦ ବେଦୀ, ବିନୀତ କୁମାର ସିଂ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

## ଜନ୍‌ଙ୍କ ତରଭୁଜ ଉପାଖ୍ୟାନ

ଜନ୍ ଆବ୍ରାହମ ନିକଟରେ ନିଜ ଆକ୍ଟିଂ କ୍ୟାରିୟର ସମ୍ପର୍କରେ ଏକ ମଜାଦାର କଥା କହିଥିଲେ। ଥରେ ଶୁଟିଂ ସମୟରେ ନିଜର ଶୋଷ ନିବାରଣ ପାଇଁ ସେ ଗୋଟିଏ ଦିନରେ ୨୧ଟି ତରଭୁଜ ଖାଇଥିଲେ। ଏ ବିଷୟରେ ଜନ୍ କହନ୍ତି, 'ଢିସୁମ' ଚଳଚ୍ଚିତ୍ରର ଶୁଟିଂ ସମୟର କଥା। ଥରେ ଏକ ମରୁଭୂମିରେ ଶୁଟିଂ ଚାଲିଥାଏ। ପ୍ରବଳ ଖରାକୁ ବାରମ୍ବାର ଶଟ୍ ଦେବା ଏତେ ସହଜ ନ ଥିଲା। ତେଣୁ ନିଜ ଶରୀରରେ ଜଳୀୟ ଅଂଶକୁ ବାଲାନ୍ସ କରିବାକୁ ମୋ ମୁଣ୍ଡକୁ ଏକ ଆଇଡିଆ ଜୁଟିଥିଲା। ତେଣୁ ବିଳମ୍ବ ନ କରି ମୁଁ କେତେଗୁଡ଼ିଏ ତରଭୁଜ ମଗାଇଥିଲି। ମୋର ମନେଅଛି ସେଦିନ ମୁଁ ଏକୁଟିଆ ୨୧ଟି ତରଭୁଜ ଖାଇଥିଲି। ଆଉ ମୋ ତରଭୁଜ ଖାଇବାକୁ ନେଇ କେବଳ ସେହିଦିନ ନୁହେଁ ପରେ କିଛିଦିନ ଶୁଟିଂ ସେଟ୍‌ରେ ଏହି କଥା ଅନ୍ୟମାନଙ୍କୁ ବେଶ୍ ହସର ଖୋରାକ ଯୋଗାଇଥିଲା। ସାଜିଦ ନାଦିଆଦୱାଲାଙ୍କ ପ୍ରଯୋଜିତ ଏବଂ ରୋହିତ ଧାୱନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ବକ୍ସ ଅଫିସରେ ୧୫୦ କୋଟି ଇନକମ କରି ହିଟ୍ ସାବ୍ୟସ୍ତ ହୋଇଥିଲା। ଏହି ଚଳଚ୍ଚିତ୍ରରେ ଜନ୍‌ଙ୍କ ବ୍ୟତୀତ ବରୁଣ ଧାୱନ, ଜ୍ୟାକଲିନ୍ ଫର୍ନାଣ୍ଡିସ୍ ଏବଂ ଅକ୍ଷୟ ଖାନ୍ନା ଅଭିନୟ କରିଥିଲେ।



ଜନ୍ ଆବ୍ରାହମ

## ସେହି ୧୦ଟି ଫିଲ୍ମ କଥା...

ତାମିଲ, ତେଲୁଗୁ ଫିଲ୍ମରେ ଅଭିନୟ କରୁଥିବା ତାପସୀ ପାନ୍ନୁ ଏବେ ବଲିଉଡ୍‌ରେ ନିଜର ଅଭିନୟ ଯାଦୁ ଦେଖାଉଛନ୍ତି। ହେଲେ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କଲାବେଳେ ତାଙ୍କୁ ବେଶ୍ ଉତ୍ଥାନ ପତନର ସାମ୍ନା କରିବାକୁ ପଡିଥିଲା। ଏକଦା ତାଙ୍କ ଅଭିନୀତ ୧୦ଟି ଫିଲ୍ମ ବ୍ୟାକ୍-ଟୁ-ବ୍ୟାକ୍ ଫ୍ଲପ୍ ହୋଇଥିଲା। ନିଜ କ୍ୟାରିୟରରେ ଯେ ଏପରି ସମୟ ଆସିବ ତାହା ସେ କେବେ କଳ୍ପନା କରି ନ ଥିଲେ। ଏ ବିଷୟରେ ତାପସୀ କହନ୍ତି, 'ଲଗାତର ୧୦ଟି ସିନେମାର ଫ୍ଲପ ହେବା ପରେ ମୁଁ ଭୟଭୀତ ହୋଇଯାଇଥିଲି। ମୋ ମନରେ ଏପରି ଧାରଣା ଆସିଥିଲା ଯେ, ମୁଁ ବୋଧହୁଏ ଆକ୍ଟିଂ ଲାଇନ୍ ପାଇଁ ଫିଟ୍ ନୁହେଁ। ହେଲେ ଠିକ୍ ସମୟରେ ମୋତେ ବଲିଉଡ୍‌ରୁ ଅଫର ମିଳିଥିଲା। ଡେଭିଡ ଧାୱନଙ୍କ 'ଚସମେ ବଦ୍ଦୁର'ରେ ଅଭିନୟ କରିବା ପରେ ମୋର ନିଜ ଉପରେ ପୁଣି ଥରେ ବିଶ୍ୱାସ ସୃଷ୍ଟି ହୋଇଥିଲା। ବାସ୍, ତା'ପରେ ଯେତିକି ପରିଶ୍ରମ କରିଛି ତାହାର ଫଳ ମୋତେ ଠିକ୍ ମିଳିଛି। ଏହି ଫିଲ୍ମଟି ହିଟ୍ ହେବା ପରେ ଅକ୍ଷୟ କୁମାରଙ୍କ ସହ 'ବେବି' ଫିଲ୍ମରେ ଆକ୍ଟିଂ କଲି ଏବଂ ମୋର ଭୂମିକାକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ।'

## ଲୁଚାଉଛନ୍ତି ତାରା

ତାରା ସୁଟାରିଆଙ୍କ ଟେନ୍‌ସନ ଟିକେ ବଢ଼ିଯାଇଛି। ତାହା ପୁଣି କ'ଣ ପାଇଁ ଜାଣନ୍ତି ? ନିଜ ବ୍ୟକ୍ତିଗତ ଜୀବନକୁ ନେଇ। ଏବେ ବଲିଉଡ୍‌ରେ ଆଲୋଚନା ହେଉଛି ଯେ ସେ ନିଜର ପୂର୍ବତନ ପ୍ରେମିକ ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ପ୍ରେମରେ ଉବୁଟୁବୁ ହେଉଛନ୍ତି। ଏକଥାକୁ ଯଦିଓ ତାରା ସ୍ୱୀକାର କରି ନାହାନ୍ତି, ତଥାପି ପରୋକ୍ଷରେ ଯେତିକି ସୂଚନା ଦେଇଛନ୍ତି ତାହା ଏହି ଘଟଣା ପାଇଁ ନିଆଁରେ ଘିଅ ଢାଳିବା ଭଳି କାମ କରିଛି। ଏପରି ଆଲୋଚନାକୁ ନେଇ ସଫେଇ ଦେଇ ତାରା କହନ୍ତି, 'ଆମମାନଙ୍କର ବ୍ୟକ୍ତିଗତ ଜୀବନକୁ ନେଇ ଏତେ ଆଲୋଚନା କାହିଁକି ହୁଏ ତାହା ମୁଁ ଜାଣିପାରୁନି। ପୁଣି କିଛି କଥା ନ ଥାଇ ଏପରି ଆଲୋଚନା ହେଉଛି, ଯେ କେହି ତାକୁ ସତ ଭାବିବ। ଗୋଟିଏ କଥା କହିବି ଏବେ ମୋର କାହା ସହ ପ୍ରେମ ସମ୍ପର୍କ ନାହିଁ। ତା' ବୋଲି ପ୍ରେମ କରିବା ଭୁଲ୍ ବୋଲି ମୁଁ କହୁନାହିଁ। ଯଦି ମୋ ଜୀବନରେ ସେପରି କିଛି ଘଟେ ତେବେ ମୁଁ କାହାକୁ ଲୁଚାଇବି ନାହିଁ।'



ତାପସୀ ପାନ୍ନୁ



ତାରା ସୁଟାରିଆ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



କଳ୍ପରେଖା–ସସ୍ମିତା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

# ହାଃ ହାଃ

## ଇଂଲିଶ

ଜଣେ ଅଶିକ୍ଷିତ ମହିଳା ନୂଆ ନୂଆ ଇଂଲିଶ ଶିଖୁଥାଆନ୍ତି। ଦିନେ ଫଳ ଦୋକାନକୁ ଯାଇ ଫଳ ବିକାଳିକୁ ଇଂଲିଶରେ କହିଲେ– ଗିଭ୍ ମି ସମ୍ ଡେଷ୍ଟ୍ରୟଡ୍ ହଜ୍‌ବ୍ୟାଣ୍ଡ।

ଫଳ ଦୋକାନୀ– ମ୍ୟାଡାମ୍ ଆପଣ କ'ଣ କହୁଛନ୍ତି, ମୁଁ କିଛି ବୁଝିପାରୁନି।

ମହିଳା– ତୁ ବୋଧେ ଇଂଲିଶ୍ ଶିଖିନୁ। ହଉ ମୁଁ ଓଡ଼ିଆରେ କହି ଦଉଛି।

ଦୋକାନୀ– ଇଂଲିଶ୍ ଜାଣିଛି ଯେ, ଏଇ ଇଂଲିଶ ଟିକେ ବୁଝି ପାରିଲିନି।

ମହିଳା– କି ବୋକାଟା ତୁ, ମୁଁ ପରା ତତେ ନାସ୍‌ପତି(ଡେଷ୍ଟ୍ରୟଡ୍ ହଜ୍‌ବ୍ୟାଣ୍ଡ) ମାଗୁଛି। ଏତିକି ବୁଝିପାରୁନୁ।

## ରିସ୍କ

ଇଣ୍ଟରଭ୍ୟୁରେ ଯୁବକଙ୍କୁ ପଚରାଗଲା– ତୁମର ରିସ୍କ ଟେକିଂ କାପାସିଟି କେତେ ?

ଯୁବକ– ବହୁତ।

ଇଣ୍ଟରଭ୍ୟୁ ନେଉଥିବା ବ୍ୟକ୍ତି– ଆମେ କେମିତି ଜାଣିବୁ ? ଉଦାହରଣ ସହ ବୁଝାଅ।

ଯୁବକ–ମୁଁ ପରା ଠାକୁରଙ୍କୁ ଆର ଜନ୍ମରେ ବି ମୋ କଳିହୁଡି ସ୍ତ୍ରୀକୁ ସ୍ତ୍ରୀ ରୂପରେ ଚାହେଁ ବୋଲି ମାଗିଛି।

## ପାଗଳ

ଯୁବକ ଯୁବତୀଙ୍କୁ: ଆଇ ଲଭ୍ ୟୁ।

ଯୁବତୀ– ମୁଁ ଯଦି ପ୍ରତି ଉତ୍ତରରେ ଆଇ ଲଭ୍ ୟୁ କହେ ତେବେ ତମେ କ'ଣ କରିବ ?

ଯୁବକ– ମୁଁ ତ ଖୁସିରେ ମରିଯିବି।

ଯୁବତୀ– ଏମିତି କଥା, ତାହେଲେ ମୁଁ କହୁନି। ଜିଇଁ ଯାଅ ନିଜ ଜୀବନ।

# ବଡ଼ ତ୍ରିରଙ୍ଗା

ତ୍ରିରଙ୍ଗା ଆମ ଗର୍ବ ଆଉ ଗୌରବର ପ୍ରତୀକ। ଫର୍ ଫର ହୋଇ ଉଡୁଥିବା ତ୍ରିରଙ୍ଗାକୁ ଦେଖିଦେଲେ ମନରେ ସାହସ ଓ ଦମ୍ଭ ଭରିଯାଏ । ତେବେ ଭାରତର ବିଭିନ୍ନ ସ୍ଥାନରେ ଉଡୁଛି ଏମିତି କିଛି ତ୍ରିରଙ୍ଗା, ଯାହାର ଆକାର ବେଶ୍ ବଡ଼ ଓ ତାହା ଉଡେ ବହୁ ଉଚ୍ଚରେ। ଆଉ ଏହି ତ୍ରିରଙ୍ଗା ସବୁକୁ ଦେଖିଦେଲେ ଦେହରେ ଶିହରଣ ଖେଳିଯିବ...



**ଅଟାରି ବର୍ଡର ତ୍ରିରଙ୍ଗା–** ଇଣ୍ଡୋ-ପାକ୍ ଅଟାରି ବର୍ଡର୍‌ରେ ଥିବା ଜାତୀୟ ପତାକାକୁ ଦେଖିଦେଲେ ଦେହରେ ଶିହରଣ ଖେଳିଯାଏ। ଏହି ପତାକା ଭାରତର ସବୁଠାରୁ ବଡ଼। ଏହାର ଫ୍ଲାଗ୍ ପୋଷ୍ଟର ଉଚ୍ଚତା ୧୧୦ ମିଟର ବା ୩୬୦ ଫୁଟ୍ ହୋଇଥିବାବେଳେ ପତାକାର ଲମ୍ବ ୧୨୦ ଫୁଟ୍ ଓ ଓସାର ୮୦ ଫୁଟ୍ । ଏହାର ଫ୍ଲାଗ ପୋଷ୍ଟର ଓଜନ ୫୫ ଟନ୍। ଏଥିରେ ପ୍ରାୟ ୩.୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି।



**ବେଲଗାମ୍‌ସ୍ଥ ତ୍ରିରଙ୍ଗା–** କର୍ଣାଟକର ବେଲଗାମ୍ ପରିଚିତ ବେଲଗଭି ଭାବେ। ଏଠାରେ ଥିବା ଜାତୀୟ ପତାକାର ଉଚ୍ଚତା ଅଟାରି ବର୍ଡରରେ ଥିବା ପତାକାଠାରୁ ୧ ଫୁଟ୍ ଅଧିକ, ଅର୍ଥାତ୍ ଏହାର ଫ୍ଲାଗ୍ ପୋଷ୍ଟର ଉଚ୍ଚତା ୩୬୧ ଫୁଟ୍। ତେଣୁ ଏହା ଭାରତର ସବୁଠୁ ଉଚ୍ଚ ପତାକା ଭାବେ ପରିଚିତ। ଏହା କୋଟେକେରେ ହ୍ରଦ ନିକଟରେ ଅଛି।



**କୋହ୍ଲାପୁରସ୍ଥ ତ୍ରିରଙ୍ଗା–** ୨୦୧୭, ୧ ମେ'ରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ କୋହ୍ଲାପୁରସ୍ଥ ୩୦୩ ଫୁଟ୍ ଉଚ୍ଚତା ବିଶିଷ୍ଟ ତ୍ରିରଙ୍ଗାର ଉନ୍ମୋଚନ କରିଥିଲେ। ଏହାକୁ ମଧ୍ୟ ଭାରତର ଉଚ୍ଚତମ ଜାତୀୟ ପତାକା ମଧ୍ୟରେ ଗ୍ରହଣ କରାଯାଏ।



**ରାଞ୍ଚିସ୍ଥ ତ୍ରିରଙ୍ଗା–** ଭାରତର କିଛି ଉଚ୍ଚତମ ତ୍ରିରଙ୍ଗା ମଧ୍ୟରେ ରାଞ୍ଚିସ୍ଥ ପାହାଡି ମନ୍ଦିରରେ ଥିବା ତ୍ରିରଙ୍ଗା ଅନ୍ୟତମ। ଏହାର ଉଚ୍ଚତା ୨୯୩ ଫୁଟ୍ ।



**ଗୁଆହାଟୀସ୍ଥ ତ୍ରିରଙ୍ଗା–** ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀରେ ଗୁଆହାଟୀର ଗାନ୍ଧୀ ମଣ୍ଡପରେ ୩୧୯.୫ ଫୁଟ୍ ଉଚ୍ଚତାବିଶିଷ୍ଟ ଜାତୀୟ ପତାକା ଉନ୍ମୋଚନ କରାଯାଇଥିଲା। ଏହା ହେଉଛି ଉତ୍ତରଭାରତର ସବୁଠାରୁ ଉଚ୍ଚା ଜାତୀୟ ପତାକା ।



**ଓଡ଼ିଶାର ସବୁଠାରୁ ବଡ଼ ଓ ଉଚ୍ଚା ତ୍ରିରଙ୍ଗା–** ଓଡ଼ିଶାର ସବୁଠାରୁ ବଡ଼ ତ୍ରିରଙ୍ଗା ଭାରତର ୭୦ତମ ସ୍ୱାଧୀନତା ଦିବସ ଅବସରରେ ଉନ୍ମୋଚନ କରାଯାଇଥିଲା। ୨୧୫ ଫୁଟ୍ ଉଚ୍ଚତାରେ ଉଡୁଥିବା ଏହି ତ୍ରିରଙ୍ଗା ଓଡ଼ିଶା ହାଇକୋର୍ଟ, କଟକରେ ଅଛି। ପତାକାର ଲମ୍ବ ୭୫ ଫୁଟ୍ ହୋଇଥିବାବେଳେ ଓସାର ୪୮ ଫୁଟ୍।



**ଭକ୍ତି ଶକ୍ତିସ୍ଥ ତ୍ରିରଙ୍ଗା–** ପିମ୍ପରି ଚିଞ୍ଚୱାଡାର ଉପନଗର ନିକଟସ୍ଥ ଭକ୍ତି ଶକ୍ତି ଗାର୍ଡେନରେ ଉଡୁଛି ୩୫୧ ଫୁଟ୍ ଉଚ୍ଚତାର ତ୍ରିରଙ୍ଗା।







# କ୍ୟାମେରା ପରି ଘର

ଫଟୋଗ୍ରାଫୀ ଅନେକଙ୍କର ସଉକ ହୋଇଥାଏ। ତେବେ ଭାରତ, ବେଲଗାମ୍‌ସ୍ଥ ଫଟୋଗ୍ରାଫର୍ ରବି ହୋଙ୍ଗଲଙ୍କର ଫଟୋଗ୍ରାଫୀ ପ୍ରତି ଭଲ ପାଇବା ସବୁଠୁ ଭିନ୍ନ ଓ ସ୍ୱତନ୍ତ୍ର । ସେ ନିଜର ପେସାକୁ ଏତେ ମାତ୍ରାରେ ଭଲ ପାଆନ୍ତି ଯେ, ନିଜର ତିନି ପୁଅଙ୍କ ନାମ ତିନୋଟି ପ୍ରସିଦ୍ଧ କ୍ୟାମେରାର ବ୍ରାଣ୍ଡ ନାମାନୁସାରେ କ୍ୟାନୋନ୍, ନିକୋନ୍ ଓ ଏପସନ୍ ରଖିଛନ୍ତି। କେବଳ ସେତିକି ନୁହେଁ, ସେ ରହୁଥିବା ତିନି ମହଲା ଘରକୁ କ୍ୟାମେରା ଡିଜାଇନ୍‌ରେ କରିଛନ୍ତି, ଯାହା କି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ତାଙ୍କ ଘରଟି ଦେଖିବାକୁ ଏକ ବିରାଟକାୟ ଭିଣ୍ଟେଜ୍ କ୍ୟାମେରା ପରି। ଯେଉଁଥିରେ କ୍ୟାମେରାର ଲେନ୍ସ ଭଳି ଝରକା ଅଛି। ତା'ସହ ରିଲ୍, ଫ୍ଲାସ୍ ଓ ଏସ୍‌ଡି କାର୍ଡର ଡିଜାଇନ୍ ବି ଘରେ ଦେଖିବାକୁ ମିଳେ। ଏଥିପାଇଁ ସେ ୭୧ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି।

ବ୍ୟାକ୍ ପେଜ୍

## କାର୍ଟୁନ କର୍ନର

